# The Odisha Gazette

EXTRAORDINARY
PUBLISHED BY AUTHORITY

No. 1825, CUTTACK, FRIDAY, OCTOBER 21, 2016/ASWINA 29, 1938

**SCHOOL & MASS EDUCATION DEPARTMENT**

NOTIFICATION

The 26th September, 2016

**S.R.O. No.481**/2016— In exercised of the power conferred by sub-section (1) of Section 40 of the National Food Security Act, 2013 (20 of 2013) the State Government do hereby make the following rules, namely:—

**1. Short title and commencement:**

*(a)* These rules may be called the Odisha Mid-Day Meal Rules, 2016.

*(b)* They shall come into force on the date of their publication in the *Odisha Gazette*.

## PART- I

### PRELIMINARY

**2. Definitions:**

(i) In these rules, unless the context otherwise requires,—

*(a)* "Act" means the National Food Security Act,2013 (20 of 2013);

*(b)* " Central Government" means the Government of India;

*(c)* "Food Grains" means rice, wheat, coarse grains or any combination thereof conforming to such quality norms as may be determined, by order, by the Central Government from time to time;

*(d)* "Food Security Allowance" means the amount of money to be paid by the concerned State Government to the entitled children under section 8 of the Act;

*(e)* "Food Safety Commission" means an officer appointed by the State Government who is in-charge of Food Safety functioning under the Department of Health & Family Welfare, Government of Odisha;

*(f)* "District Grievance Redressal Officer (DGRO)" means an officer appointed in each district by the State Government as per the section 15;

(g) "Meal" means hot cooked or pre-cooked and heated before its service meal or take home ration, as may be prescribed by the Central Government;

(h) "School" includes any school run by Local Bodies, Government or aided by the State Government;

(i) "School Management Committee" means a statutory body of the schools both at primary and upper primary level constituted under rule 3 of the Odisha Right of Children to Free and Compulsory Education Rules,2010 and other executive instructions issued from time to time;

(j) "School Management & Development Committee" means a school management committee constituted at secondary school level as per the guideline of Rastriya Madhyamik Shiksha Abhiyan (RMSA);

(k) "Section" means the section of the Act;

(l) "State Government" means the Government of Odisha; and

(m) "State Food Commission" means the Commission constituted at State Level under section 16 of the Act and Odisha State Food Security Rules;

(n) All words and expressions used herein but not defined in these rules but defined in the Act, shall have the meanings respectively assigned to them in the Act.

## PART- II

## QUALITY NUTRITIONAL MEAL

**3. Entitlement for Nutritional Meal:**

Every child studying in classes I to VIII who attend the school shall be provided one mid-day-meal having nutritional standards as specified in Schedule II of the Act, free of charge every day except on school holidays.

**4. Place of Serving Meal:**

The meal shall be served to children at school only.

**5. Preparation of meals and maintenance of standards and quality:**

(1) The meal shall be prepared in accordance with the Mid Day Meal guidelines issued by the Central Government and State Government from time to time and in accordance with the provisions of Schedule II of the Act.

(2) Every school shall have the facility for cooking meal in hygienic manner. Schools in urban area may use the facility of centralized kitchens for cooking meals wherever required or feasible in accordance with the guidelines issued by the Central Government and the State Government and the meal shall be served to children at respective schools only.

## PART- III

### MONITORING & SUPERVISION

**6. State/District/Block Level Steering-*cum*-Monitoring Committee Meeting for Mid-Day Meal Scheme:**

The State/District/Block level Steering-*cum*-Monitoring Committee shall oversee the implementation of the scheme with a view to ensure implementation of the Act.

**7. Role of School Management Committee (SMC) for monitoring Mid-Day Meals Scheme:**

(1) The School Management Committee mandated under the Right to Free and Compulsory Education Act, 2009 and the Odisha Right of Children to Free and Compulsory Education Rules, 2010 shall monitor implementation of the Mid-Day Meal Scheme and shall oversee the quality of meals provided to the children, cleanliness of the place of cooking and maintenance of hygiene in implementation of Mid-Day Meal Scheme.

(2) The Headmaster or Headmistress of the school shall be empowered to utilize any fund available in school for the purpose of continuation of Mid-Day Meal Scheme in the school in case of temporary unavailability of food grains, cooking cost etc. in the school. The utilized fund shall be reimbursed to the school account immediately after receipt of mid day meal funds.

**8. Testing of Meals by accredited Laboratories:**

(1) Hot cooked meal provided to children can be tested by the Odisha State Public Health Laboratory, so as to ensure that the meal meets with the nutritional standards and quality specified in Schedule II to the Act. The Food Safety Officers under the Food Safety Commission, Health & Family Welfare Department may collect samples to ensure the nutritive value and quality of the meals.

(2) The Department referred to in sub-rule (1) shall collect the samples at least once in a month from randomly selected schools or centralized kitchens and send such samples for examination to the laboratories referred to in sub-rule (1).

## PART- IV

### FOOD SECURITY ALLOWANCE

**9. Food Security Allowance:**

(1) If the Mid-Day Meal is not provided in school on any school day due to non-availability of food grains, cooking cost, fuel or absence of cook-*cum*-helper or

any other reason, the State Government shall pay food security allowance as defined in clause (d) of rule 2 of these rules to every child as referred to in rule 3 by 15th of the succeeding month in the manner provided herein below:—

*(a)* Quantity of Food grains as per entitlement of the child; and

*(b)* Cooking cost as per the state norm;

*(c)* Food grains for the Food security allowance shall be handed over to the children or their parents between 10th and 15th of the succeeding month during the school recess hours;

*(d)* Cooking cost towards Food Security allowance shall be transferred to the account of the child/parents; and

*(e)* The manner of fixing the responsibility for failure in providing Mid-Day Meal continuously for 3 days or at least 5 days in a month shall be as per the procedure laid down for disposal of grievances by the District Grievance Redressal Officer, State Food Commission or by the State Government.

*(f)* In pursuance of Section 44 of National Food Security Act, the State Government shall be liable for a claim by any person entitled under this rule, except in the case of War, Flood, Drought, Fire, Cyclone, and Earthquake affecting the regular supply of food grains or meals to such person under this rule.

(2) In case of non-supply of meal by the Centralised Kitchen, the Food Security Allowance shall be realized from the Centralised Kitchen Agency as per sub-rule (1);

*Provided that in case a child has not taken food on offer for whatever reasons, no claim of food security allowance shall lie with the State Government or Centralised Kitchens:*

*Provided further that no claim shall lie with State Government or Centralised Kitchen for reasons of quality of food grains and meal:*

(3) Wherever an agency of the Central Government is involved, the State Government shall take up the matter with the Central government which shall resolve the matter within a month.

**10. Saving:**

(1) Nothing in these rules shall affect the guidelines issued in this behalf or likely to be issued by the Central Government and State Government regarding the activities relating to Mid-Day Meal Scheme.

(2) Nothing in these rules shall prevent the State Government from framing necessary guidelines from time to time in consonance with the Act and Rules for effective implementation of the Programme.

[No.19598–II-SME-(MDM)-06/2016/SME.]

By Order of the Governor

RANJANA CHOPRA

Commissioner-*cum*-Secretary to Government

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

## ଅଧିସୂଚନା

ତା. ୨୬.୦୯.୨୦୧୬

**S.R.O. No.481**/2016-ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ,୨୦୧୩ (ନଂ 20,2013) ର ଧାରା 40 ର ଉପଧାରା (1) ଦ୍ଵାରା ପ୍ରଦତ୍ତ କ୍ଷମତା ବଳରେ ରାଜ୍ୟ ସରକାର ଏତଦ୍ ଦ୍ଵାରା ନିମ୍ନଲିଖିତ ନିୟମାବଳୀ ପ୍ରସ୍ତୁତ କରୁଛନ୍ତି ଯଥା:-

**୧. ସଂକ୍ଷିପ୍ତ ଶୀର୍ଷକ ଓ ଲାଗୁ ହେବା ତାରିଖ:**

(a) ଏହି ନିୟମକୁ ଓଡିଶା ମଧ୍ୟାହ୍ନ ଭୋଜନ ନିୟମ, ୨୦୧୬ କୁହାଯାଇପାରେ ।

(b) *ଓଡିଶା ଗେଜେଟ୍* ରେ ପ୍ରକାଶିତ ହେବା ଦିନଠାରୁ ଏହି ନିୟମାବଳୀ କାର୍ଯ୍ୟକାରୀ ହେବ ।

## ପ୍ରଥମ ଭାଗ

## ପ୍ରାକକଥନ

**୨. ସଂଜ୍ଞା:**

(i) ଏହି ଅଧିନିୟମରେ ସଂଯୋଜିତ ପ୍ରସଙ୍ଗ ଗୁଡିକ ଭିନ୍ନ ଅର୍ଥ ଆବଶ୍ୟକ କରୁନଥିଲେ **:-**

(a) **"**ଅଧିନିୟମ**"** କହିଲେ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ,2013 (ନଂ-20,2013) କୁ ବୁଝାଇବ ।

(b) **"**କେନ୍ଦ୍ର ସରକାର**"** କହିଲେ ଭାରତ ସରକାରଙ୍କୁ ବୁଝାଇବ ।

(c) **"**ଖାଦ୍ୟ ଶସ୍ୟ**"** କହିଲେ ଚାଉଳ, ଗହମ, ମୋଟା ଶସ୍ୟ କିମ୍ବା ତାହାର ଯେ କୌଣସି ସମାହାର**;** ଯାହାକି ସମୟକୁ ସମୟ ଭାରତ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ ଗୁଣବତ୍ତା ବହନ କରୁଥିବ ।

(d) **"**ଖାଦ୍ୟ ସୁରକ୍ଷା ଭତ୍ତା**"** କହିଲେ ଅଧିନିୟମ ଧାରା ୪ ଅନୁଯାୟୀ ସଂପୃକ୍ତ ରାଜ୍ୟ ସରକାରଙ୍କ ଦ୍ଵାରା ଯୋଗ୍ୟ ପିଲାକୁ ଉପଯୁକ୍ତ ପରିମାଣର ଅର୍ଥ ପ୍ରଦାନକୁ ବୁଝାଇବ ।

(e) **"**ଖାଦ୍ୟ ନିରାପତ୍ତା ଆୟୋଗ**"** କହିଲେ ଓଡିଶା ସରକାରଙ୍କ ସ୍ଵାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନସ୍ଥ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମ ପାଇଁ ଓଡିଶା ସରକାରଙ୍କ ଦ୍ଵାରା ନିଯୁକ୍ତି ପାଇଥିବା ଭାରପ୍ରାପ୍ତ ଅଧିକାରୀଙ୍କୁ ବୁଝାଇବ ।

(f) **"**ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀ" କହିଲେ ଅଧିନିୟମ ଧାରା **15** ଅନୁଯାୟୀ ପ୍ରତି ଜିଲ୍ଲାରେ ରାଜ୍ୟ ସରକାରଙ୍କ ଦ୍ଵାରା ନିୟୋଜିତ ଅଧିକାରୀଙ୍କୁ ବୁଝାଇବ ।

(g) **"**ଭୋଜନ**"** କହିଲେ ଗରମ ରନ୍ଧା ଭୋଜନ କିମ୍ବା ପୂର୍ବରୁ ରନ୍ଧା ଯାଇଥିବା ଏବଂ ଭୋଜନ ପରିବେଷଣ ପୂର୍ବରୁ ଗରମ କରାଯାଇଥିବା ଖାଦ୍ୟ କିମ୍ବା ଘରକୁ ନେବା ପଡି ଯାହାକି ଭାରତ ସରକାରଙ୍କ ଦ୍ଵାରା ବିହିତ ଅଟେ ।

(h) "ବିଦ୍ୟାଳୟ" କହିଲେ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ କିମ୍ବା ସ୍ୱାୟତ୍ତ ଶାସନ ଅଧିନସ୍ଥ ବିଦ୍ୟାଳୟକୁ ବୁଝାଇବ ।

(i) "ବିଦ୍ୟାଳୟ ପରିଚାଳନା କମିଟି " କହିଲେ ଓଡିଶାର ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ,୨୦୧୦ର ନିୟମ **3** ଏବଂ ଏଥି ନିମନ୍ତେ ସମୟକୁ ସମୟ ଦିଆଯାଉଥିବା ନିର୍ବାହି ଅନୁଦେଶ ଆଧାରରେ ଉଭୟ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଗଠନ କରାଯାଇଥିବା ଏକ ବୈଧାନିକ କମିଟିକୁ ବୁଝାଇବ ।

(j) "ବିଦ୍ୟାଳୟ ପରିଚାଳନା ଏବଂ ଉନ୍ନୟନ କମିଟି " କହିଲେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନର ମାର୍ଗଦର୍ଶିକା ଅନୁଯାୟୀ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଗଠିତ ପରିଚାଳନା କମିଟିକୁ ବୁଝାଯିବ ।

(k) "ଧାରା" କହିଲେ ଅଧିନିୟମର ଧାରାକୁ ବୁଝାଯିବ ।

(l) "ରାଜ୍ୟ ସରକାର" କହିଲେ ଓଡିଶା ସରକାର ବୁଝାଯିବ, ଏବଂ

(m) "ରାଜ୍ୟ ଖାଦ୍ୟ ଆୟୋଗ" କହିଲେ ଅଧିନିୟମ ଧାରା **16** ଏବଂ ଓଡିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମ ଅନ୍ତର୍ଗତ ଗଠିତ ଆୟୋଗକୁ ବୁଝାଯିବ ।

(n) ଏଠାରେ ବ୍ୟବହୃତ ଅନ୍ୟ ଶବ୍ଦ ଓ ଅଭିବ୍ୟକ୍ତି, ଯାହାର ସଂଜ୍ଞା ଏଠାରେ ନିରୂପିତ ହୋଇ ନାହିଁ ଅଥଚ ଅଧିନିୟମରେ ବ୍ୟାଖ୍ୟା କରାଯାଇଛି, ତାହା ଅଧିନିୟମରେ ପ୍ରଦତ୍ତ ସେହି ଅର୍ଥକୁ ବୁଝାଇବ ।

## ଦ୍ୱିତୀୟ ଭାଗ

## ଗୁଣାତ୍ମକ ପୁଷ୍ଟିକର ଭୋଜନ

### ୩. ପୁଷ୍ଟିକର ଭୋଜନ ପାଇଁ ହକଦାର:

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ବିଦ୍ୟାଳୟରେ ପଢୁଥିବା ଓ ବିଦ୍ୟାଳୟରେ ଉପସ୍ଥିତ ଥିବା ପ୍ରତ୍ୟେକ ପିଲାଙ୍କୁ ଛୁଟିଦିନ ବ୍ୟତିତ ପ୍ରତ୍ୟେକ ଦିନ ଅଧିନିୟମର ଅନୁସୁଚି **II ରେ** ବର୍ଣ୍ଣିତ ଗୋଟିଏ ପୁଷ୍ଟିକର ମାନକୀୟ ମଧ୍ୟାହ୍ନ ଭୋଜନ ମାଗଣାରେ ଯୋଗାଇ ଦିଆଯିବ ।

### 4.ଭୋଜନ ପରଷିବା ସ୍ଥାନ:

କେବଳ ବିଦ୍ୟାଳୟ ପରିସରରେ ଭୋଜନ ପରିବେଷଣ କରାଯିବ ।

### ୫. ଭୋଜନ ପ୍ରସ୍ତୁତି ଏବଂ ତାହାର ମାନଦଣ୍ଡ ଓ ଗୁଣବତ୍ତା ରକ୍ଷା:

(1) ଅଧିନିୟମର ଅନୁସୁଚି **II** ର ବ୍ୟବସ୍ଥା ତଥା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମୟ ସମୟକୁ ନିର୍ଗମିତ ମାର୍ଗଦର୍ଶିକା ଅନୁଯାୟୀ ଭୋଜନ ପ୍ରସ୍ତୁତ କରାଯିବ ।

(2) ପ୍ରତ୍ୟେକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ରକ୍ଷାକୁ ଦୃଷ୍ଟିରେ ରଖି ଭୋଜନ ପ୍ରସ୍ତୁତିର ବ୍ୟବସ୍ଥା ରହିବ । ସହରାଞ୍ଚଳର ବିଦ୍ୟାଳୟମାନଙ୍କ ପାଇଁ ଆବଶ୍ୟକ ସ୍ଥଳେ ତଥା ସୁବିଧା ଥିଲେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମାର୍ଗଦର୍ଶିକା ଅନୁଯାୟୀ କେନ୍ଦ୍ରୀକୃତ ରନ୍ଧନଶାଳାମାନଙ୍କରେ ଖାଦ୍ୟ ପ୍ରସ୍ତୁତ କରାଯାଇ ପିଲାମାନଙ୍କୁ କେବଳ ସଂପୃକ୍ତ ବିଦ୍ୟାଳୟରେ ଭୋଜନ ଯୋଗାଇ ଦିଆଯିବ ।

## ତୃତୀୟ ଭାଗ

## ପର୍ଯ୍ୟାଲୋଚନା ଏବଂ ପର୍ଯ୍ୟବେକ୍ଷଣ

**୬. ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କର୍ଣ୍ଣଧାର ତଥା ପର୍ଯ୍ୟବେକ୍ଷଣ କମିଟିର ବୈଠକ:**

ରାଜ୍ୟସ୍ତରୀୟ, ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କର୍ଣ୍ଣଧାର ତଥା ପର୍ଯ୍ୟବେକ୍ଷଣ କମିଟି ଗୁଡିକ ଅଧିନିୟମ ଆଧାରରେ ଏହି ଯୋଜନାର ସଫଳ ରୂପାୟନକୁ ତଦାରଖ କରିବେ ।

**7.ମଧ୍ୟାହ୍ନ ଭୋଜନ ଯୋଜନାର ପର୍ଯ୍ୟାଲୋଚନାରେ ବିଦ୍ୟାଳୟ ପରିଚାଳନା କମିଟିର ଭୂମିକା:**

(1) ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁମାନଙ୍କ ଅଧିକାର ଅଧିନିୟମ,**2009** ଏବଂ ଓଡିଶାର ଶିଶୁମାନଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ନିୟମ, **2010** ଆଧାରରେ ଗଠିତ ବିଦ୍ୟାଳୟ ପରିଚାଳନା କମିଟି, ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ରୂପାୟନକୁ ପର୍ଯ୍ୟାଲୋଚନା କରିବ ଏବଂ ବିଦ୍ୟାଳୟରେ ପିଲାମାନଙ୍କୁ ଦିଆଯାଉଥିବା ଭୋଜନର ଗୁଣବତ୍ତା, ଭୋଜନ ପ୍ରସ୍ତୁତି ସ୍ଥାନର ସଫାସୁତୁରା ଏବଂ ସ୍ୱାସ୍ଥ୍ୟ ରକ୍ଷାକୁ ତଦାରଖ କରିବ ।

(2) କୌଣସି କାରଣରୁ ବିଦ୍ୟାଳୟରେ ଖାଦ୍ୟ ଶସ୍ୟ, ରୋଷେଇ ନିମନ୍ତେ ଅର୍ଥ ଇତ୍ୟାଦି ସାମୟିକ ଭାବେ ନଥିଲେ ମଧ୍ୟ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଆବଶ୍ୟକ ହେଲେ ବିଦ୍ୟାଳୟରେ ଲବ୍ଧ ଅନ୍ୟ ଅର୍ଥକୁ ବ୍ୟବହାର କରିବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିମ୍ବା ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଉପଯୁକ୍ତ କ୍ଷମତା ପ୍ରଦାନ କରାଯିବ । ମଧ୍ୟାହ୍ନ ଭୋଜନ ଅର୍ଥ ମିଳିଲା ପରେ ସେହି ଅର୍ଥକୁ ତୁରନ୍ତ ବିଦ୍ୟାଳୟ ପାଣ୍ଠିକୁ ଭରଣା କରାଯିବ ।

**୪. ଅଧିସ୍ୱୀକୃତ ପ୍ରୟୋଗଶାଳା ଦ୍ୱାରା ଭୋଜନର ପରୀକ୍ଷଣ:**

(1) ଗରମ ରନ୍ଧା ଭୋଜନର ପୁଷ୍ଟିକରମାନ ତଥା ଗୁଣବତ୍ତା ଯାହାକି ଅଧିନିୟମର ଅନୁସୂଚୀ II ରେ ବର୍ଣ୍ଣିତ ତାହାକୁ ସୁନିଶ୍ଚିତ କରିବା ପାଇଁ ଓଡିଶା ରାଜ୍ୟ ଜନସ୍ୱାସ୍ଥ୍ୟ ପ୍ରୟୋଗଶାଳା ଦ୍ୱାରା ପରୀକ୍ଷା କରାଯାଇପାରେ । ଖାଦ୍ୟ ନିରାପତ୍ତା ଆୟୋଗର ଖାଦ୍ୟ ନିରାପତ୍ତା ଅଧିକାରୀ ବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ନମୁନାମାନ ସଂଗ୍ରହ କରି ଭୋଜନର ପୃଷ୍ଟିକର ମାନ ଓ ଗୁଣବତ୍ତାକୁ ସୁନିଶ୍ଚିତ କରାଇପାରିବେ ।

(2) ଉପନିୟମ(1) ରେ ଉଲ୍ଲିଖିତ ବିଭାଗ ଦ୍ୱାରା ଅନିୟତ ପ୍ରକ୍ରୀୟାରେ ନିର୍ବାଚିତ ବିଦ୍ୟାଳୟ କିମ୍ବା କେନ୍ଦ୍ରୀକୃତ ରନ୍ଧନଶାଳାମାନଙ୍କରୁ ଅନ୍ତତଃ ପକ୍ଷେ ମାସକୁ ଥରେ ନମୁନାମାନ ସଂଗ୍ରହ କରିବେ ଏବଂ ତାହାକୁ ଉପନିୟମ(1) ରେ ଉଲ୍ଲିଖିତ ପ୍ରୟୋଗଶାଳାମାନଙ୍କୁ ପରୀକ୍ଷଣ ପାଇଁ ପଠାଇବେ ।

## ଚତୁର୍ଥ ଭାଗ

## ଖାଦ୍ୟ ସୁରକ୍ଷା ଭତ୍ତା

**୨. ଖାଦ୍ୟ ସୁରକ୍ଷା ଭତ୍ତା:**

(1) ଖାଦ୍ୟ ଶସ୍ୟ ନଥିବା, ରୋଷେଇ ପାଇଁ ଅର୍ଥ ନଥିବା, ଜାଳେଣି ନଥିବା କିମ୍ବା ରୋଷେୟାର ଅନୁପସ୍ଥିତି ଯୋଗୁଁ କିମ୍ବା ଅନ୍ୟ କେଉଁ କାରଣରୁ ବିଦ୍ୟାଳୟ ଚାଲୁଥିବା ଦିନ ଯଦି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ

ଯୋଗାଇ ଦିଆନଗଲା, ତେବେ ଏହି ନିୟମ ସମୂହର ନିୟମ 2ର ଖଣ୍ଡ(d) ରେ ବ୍ୟାଖ୍ୟା ଅନୁଯାୟୀ ସଂପୃକ୍ତ ବିଦ୍ୟାଳୟର ପ୍ରତ୍ୟେକ ପିଲାଙ୍କୁ ନିୟମ-3 ଆଧାରରେ ପରବର୍ତ୍ତୀ ମାସର ୧୫ ତାରିଖ ସୁଦ୍ଧା ନିମ୍ନ ପ୍ରକାରରେ  ଖାଦ୍ୟ ସୁରକ୍ଷା ଭତ୍ତା ପ୍ରଦାନ କରାଯିବ:-

(a) ପିଲାର ହକ୍ ଅନୁସାରେ ଖାଦ୍ୟଶସ୍ୟର ପରିମାଣ, ଏବଂ

(b) ରାଜ୍ୟଦ୍ୱାରା ସ୍ଥିରୀକୃତ ମାନକ ଅନୁସାରେ ରୋଷେଇ ମୂଲ୍ୟ ;

(c) ଖାଦ୍ୟ ସୁରକ୍ଷା ଭତ୍ତା ପାଇଁ ଖାଦ୍ୟ ଶସ୍ୟକୁ ସଂପୃକ୍ତ ପିଲା କିମ୍ବା ତାର ପିତାମାତାଙ୍କୁ ପରବର୍ତ୍ତୀ ମାସର ୧୦ ତାରିଖରୁ ୧୫ ତାରିଖ ମଧ୍ୟରେ ବିଦ୍ୟାଳୟର ମଧ୍ୟାହ୍ନ ବିରତି ସମୟରେ ପ୍ରଦାନ କରାଯିବ ।

(d) ଖାଦ୍ୟ ସୁରକ୍ଷା ଭତ୍ତା ପାଇଁ ରୋଷେଇ ମୂଲ୍ୟକୁ ପିଲା କିମ୍ବା ତାର ପିତାମାତାଙ୍କ ଜମା ଖାତାକୁ ଅନ୍ତରଣ କରାଯିବ ।

(e) ନିରନ୍ତର ଭାବେ ୩ ଦିନ କିମ୍ବା ଅନ୍ତତଃ ପକ୍ଷେ ୫ ଦିନ ଧରି ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଇ ନ ପାରିଲେ, ଜିଲ୍ଲା ଅଭିଯୋଗ ପ୍ରତିକାର ଅଧିକାରୀ, ରାଜ୍ୟ ଖାଦ୍ୟ ଆୟୋଗ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(f) କେବଳ ଯୁଦ୍ଧ, ବନ୍ୟା, ମରୁଡି, ଅଗ୍ନିକାଣ୍ଡ, ବାତ୍ୟା ଏବଂ ଭୂମିକମ୍ପ ସମୟକୁ ଛାଡି ଦେଲେ, ବାକି ସମସ୍ତ ସମୟରେ ଏହି ନିୟମ ଅନୁଯାୟୀ ହକ୍‌ଦାର ଥିବା ଯେ କୌଣସି ବ୍ୟକ୍ତିଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମର ଧାରା 44 ମୁତାବକ ରାଜ୍ୟ ସରକାରଙ୍କ ନିକଟରେ ଭୋଜନ ପାଇଁ ଦାବି ରହିବ  ।

(2) ଯଦି  କେନ୍ଦ୍ରୀକୃତ ରନ୍ଧନଶାଳା ଦ୍ୱାରା ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆ ନ ଗଲା ତେବେ ଉପନିୟମ(1) ଭିତ୍ତିରେ ଆବଶ୍ୟକ ଖାଦ୍ୟ ସୁରକ୍ଷା ଭତ୍ତା ସେହି କେନ୍ଦ୍ରୀକୃତ ରନ୍ଧନଶାଳାଙ୍କଠାରୁ ଆଦାୟ କରାଯିବ ।

ଯଦି ପିଲାକୁ ମଧ୍ୟାହ୍ନ ଭୋଜନ ଦିଆଯିବା ସତ୍ତ୍ୱେ କୌଣସି କାରଣରୁ  ତାହା ସେ ଗ୍ରହଣ କଲାନାହିଁ ତେବେ ସେ ପିଲାର ରାଜ୍ୟ ସରକାର ବା କେନ୍ଦ୍ରୀକୃତ ରନ୍ଧନଶାଳାଙ୍କଠାରୁ ଖାଦ୍ୟ ସୁରକ୍ଷା ଭତ୍ତା ପାଇବା ପାଇଁ ଦାବି ରହିବ ନାହିଁ ।

ପୁନଶ୍ଚ ଖାଦ୍ୟ ଶସ୍ୟ ତଥା ଭୋଜନର ଗୁଣବତ୍ତା କାରଣରୁ ରାଜ୍ୟ ସରକାର କିମ୍ବା କେନ୍ଦ୍ରୀକୃତ ରନ୍ଧନଶାଳା ଉପରେ କୌଣସି ଦାବୀ ରହିବ ନାହିଁ  ।

(3) ଯଦି ଭାରତ ସରକାରଙ୍କର କୌଣସି ସଂସ୍ଥା ଏଥିରେ ସଂଶ୍ଳିଷ୍ଟ ଥାଆନ୍ତି ତେବେ ରାଜ୍ୟ ସରକାର ଏହାକୁ ଭାରତ ସରକାରଙ୍କ ନିକଟରେ ଉପସ୍ଥାପନ କରିବେ ଏବଂ ଭାରତ ସରକାର ଏକ ମାସ ମଧ୍ୟରେ ଏହାର ସମାଧାନ କରିବେ ।

**10. ବ୍ୟାବୃତ୍ତି:**

(1) ଭାରତ ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ଯୋଜନା ସଂପର୍କିତ କୌଣସି ମାର୍ଗଦର୍ଶିକା ବାହାରିଛି କିମ୍ବା ଭବିଷ୍ୟତରେ ବାହାରିଲେ ମଧ୍ୟ ଏହି ନିୟମ ତାହା ଉପରେ ପ୍ରଭାବ ପକାଇବ ନାହିଁ ।

(2) ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସଫଳ ରୁପାୟନ ପାଇଁ ଅଧିନିୟମ ଏବଂ ନିୟମ ଆଧାରରେ ରାଜ୍ୟ ସରକାର ସମୟକୁ ସମୟ କୌଣସି ମାର୍ଗଦର୍ଶିକା ପ୍ରଣୟନ କରିବା ପାଇଁ ଏହି ନିୟମ ନିବାରଣ କରିପାରିବ ନାହିଁ ।

[**ସଂଖ୍ୟା.**19598–II-SME-(MDM)-06/2016/ **ଏସ୍.ଏମ.ଇ.**]

ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ

ରଞ୍ଜନା ଚୋପ୍ରା
କମିଶନର–*ତଥା*–ଶାସନସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 1245-173+500